# ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୟୁଜିସି ସହାୟତାରେ ରାଜ୍ୟସ୍ତରୀୟ କର୍ମଶାଳା

## ବିଷୟ - ପରିବର୍ତ୍ତିତ ସାମାଜ ବ୍ୟବସ୍ଥା ଓ ସାହିତ୍ୟ

### ସ୍ଥାନ - ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ, ତା:୨୬/୦୨/୨୦୧୭ରିଖ

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଦ୍ଭୁତ ବିକାଶ ଫଳରେ ପାରମ୍ପରିକ ଜୀବନଧାରାର ଶୈଳୀ ବଦଳି ଯାଉଛି ଏବଂ ସାମାଜିକ ବ୍ୟବସ୍ଥାରେ ଦ୍ରୁତ ପରିବର୍ତ୍ତନ ଘଟୁଛି । ପ୍ରଥାସିଦ୍ଧ ସମାଜ ବ୍ୟବସ୍ଥା ଓ ସମାଜବ୍ୟବସ୍ଥା ସଂପୃକ୍ତ ଜୀବନଶୈଳୀ ପରିବର୍ତ୍ତନ ହେବା ଦ୍ୱାରା ସାରସ୍ୱତ କ୍ଷେତ୍ରର ସ୍ୱର ଓ ସ୍ୱାକ୍ଷରକୁ ନେଇ ଅନେକ ପ୍ରଶ୍ନ ସାରସ୍ୱତ ସାହିତ୍ୟସାଧକମାନଙ୍କ ସମ୍ମୁଖକୁ ଆସୁଛି । ଏହାର ସମାଧାନ କ୍ଷେତ୍ରରେ ସାହିତ୍ୟର କ'ଣ ସବୁ ଆଭିମୁଖ୍ୟ ରହିବ, ତାକୁ ନେଇ ଆମ ଓଡ଼ିଆ ବିଭାଗ ଦ୍ୱାରା ଏକ ୟୁ.ଜି.ସି. ସହାୟତାରେ ରାଜ୍ୟସ୍ତରୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କର୍ମଶାଳାକୁ ଯଥାକ୍ରମେ ଉଦ୍‌ଘାଟନ, ଆଲୋଚନା, ପ୍ରବନ୍ଧପାଠ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭକ୍ତ କରାଯାଇଥିଲା । ଏଥିରେ ଆମ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଆମ ଅନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟାପକ/ଅଧ୍ୟାପିକା, ବିଭାଗର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ପ୍ରଥମେ ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ମନ୍ମଥକୁମାର ଓତା । ବିଭାଗ ତଥା ଶିକ୍ଷାନୁଷ୍ଠାନର ପୂର୍ବତନ ପ୍ରଖ୍ୟାତ ସାରସ୍ୱତ ସାଧକ ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକଙ୍କ ଅକାଳ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା ପରେ ଆରମ୍ଭ ହୋଇଥିଲା କର୍ମଶାଳାର କାର୍ଯ୍ୟକ୍ରମ । ପ୍ରଥମେ ବିଶିଷ୍ଟ କଥାକାର ଡ. ବିଭୂତି ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସକ ଓ କବି ଡ. ପ୍ରମୋଦ କୁମାର ମହାପାତ୍ର ଉକ୍ତ ବିଷୟ ଉପରେ ଦୀର୍ଘ ଆଲୋଚନା କରି ପରିବର୍ତ୍ତିତ ସମାଜ ବ୍ୟବସ୍ଥାରେ ସାହିତ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହିତ ନିର୍ଭରଶୀଳ ହୋଇ କିପରି ଜନାଦୃତ ହେବ, ସେ ବିଷୟରେ ନିଜ ନିଜର ମତ ରଖିଥିଲେ । ମଧ୍ୟାହ୍ନ ଭୋଜନର ବିରତି ପରେ ଆରମ୍ଭ ହୋଇଥିଲା 'ପ୍ରବନ୍ଧ ପାଠ'ର କାର୍ଯ୍ୟକ୍ରମ । କର୍ମଶାଳାର ବିଷୟକୁ ନେଇ ପ୍ରବନ୍ଧ ପାଠ କରିଥିଲେ ଅଧ୍ୟାପକ ଜ୍ଞାନୀଦେବାଶିଷ ମିଶ୍ର, ଅଧ୍ୟାପିକା ଡ.ସ୍ନେହଲତା ମିଶ୍ର ଓ ଅଧ୍ୟାପିକା ଡ. କ୍ଷୀରୋଦଚନ୍ଦ୍ର ସାହୁ । ଅତୀତ ଓ ବର୍ତ୍ତମାନର ସାହିତ୍ୟ ମଧ୍ୟରେ ଯେଉଁ ପାର୍ଥକ୍ୟ ଆସିଛି, ତା'ର ପରିଚୟ ନେଇ ଆଗାମୀ ସାହିତ୍ୟର ରୂପରେଖ ସଂପର୍କରେ ସ୍ପଷ୍ଟ ଚିନ୍ତାଧାରା ପ୍ରାବନ୍ଧିକମାନଙ୍କ ପ୍ରବନ୍ଧରୁ ବାରିହୋଇ ପଡିଥିଲା ।

ଗୋଟିଏ ଦିନ ମଧ୍ୟରେ ସୀମିତ ଆମ ବିଭାଗର ଉକ୍ତ କର୍ମଶାଳାର କାର୍ଯ୍ୟକ୍ରମ ବିଭିନ୍ନ ଦୃଷ୍ଟିକୋଣରୁ ସଫଳ ହୋଇଥିଲା ବୋଲି କର୍ମଶାଳାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ମତାମତ ଦେଇଥିଲେ । କର୍ମଶାଳାର ଉଦ୍‌ଘାଟନ ଅବସରରେ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ବିଭାଗ ମୁଖ୍ୟ ଡ. କୃତ୍ତିବାସ ଷଡଙ୍ଗୀ, ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଡ. ଦୈତ୍ୟାରି ଶୁକ୍ଳ, ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡ. ପ୍ରଦୀପକୁମାର ଧଳ ଓ ସମୁଦାୟ କର୍ମଶାଳାକୁ ପରିଚାଳନା କରିଥିଲେ ଅଧ୍ୟାପିକା ଡ. ସ୍ମିତା ନାୟକ, ଅଧ୍ୟାପକ ଶ୍ରୀଯୁକ୍ତ ପୀତବାସ ଷଡ଼ଙ୍ଗୀ, ଅଧ୍ୟାପିକା ଶ୍ରୀମତୀ ରୂପାଲି ମହାନ୍ତି ଓ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀମାନେ ।

କୃତ୍ତିବାସ ଷଡ଼ଙ୍ଗୀ ୨୦/୩/୨୦

ବିଭାଗ ମୁଖ୍ୟ, ଓଡ଼ିଆ

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ